# DAV PUBLIC SCHOOLS, BHUBANESWAR

## PERIODIC ASSESSMENT -I (2022-23)

- Check that this question paper contains 2 printed pages.
- Check that the question paper contains 5 questions.
- Write down the Serial Number of the question in the left side of the margin before attempting it.
- 15minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the script during this period.

## CLASS-VII
## SUB: LOWER ODIA

**Time Allowed: 1½ Hours** **Maximum Marks : 40**

**'କ'- ବିଭାଗ**

**Q1**. ନିମ୍ନ ଲିଖିତ ଅନୁଚ୍ଛେଦଟିକୁ ପଢି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପୂର୍ଣ୍ଣ ବାକ୍ୟରେ ଲେଖ । [5x1=5]

ଋଷ୍ ଦେଶରେ ଜଣେ ବିଶିଷ୍ଟ ଲେଖକ ଥିଲେ । ତାଙ୍କ ନାମ ଟରଜେନିଫ୍ । ଯେତେବେଳେ ତାଙ୍କୁ ଦଶ ବର୍ଷ ହୋଇଥିଲା ତାଙ୍କ ପିତା ତାଙ୍କୁ ପକ୍ଷୀ ଶିକାର କରିବା ପାଇଁ ପାଖ ଜଙ୍ଗଲକୁ ସାଙ୍ଗରେ ନେଇ ଗଲେ । ସବୁଜ ଉପତ୍ୟକା ଦେଇ ଯିବାବେଳେ ସେ ଦେଖିଲେ ଏକ ସୁନେଲି ପରବିଶିଷ୍ଟ କୁକୁଡ଼ା ଜାତୀୟ ପକ୍ଷୀ । ସେ ଗୋଟିଏ ଗଛ ଡାଳରେ ବସିଥିବାବେଳେ ଟରଜେନିଫ୍ ବାପାଙ୍କ କଥାରେ ଉତ୍ସାହିତ ହୋଇ ତା' ଉପରକୁ ଗୁଳି ଚଳାଇ ଦେଲେ । ପକ୍ଷୀଟି ରକ୍ତଜର୍ଜର ହୋଇ ତଳେ ପଡ଼ିଗଲା । ବହୁଚେଷ୍ଟା କରି ସେ ତା' ଛୁଆମାନଙ୍କୁ ଶେଷଥର ପାଇଁ ଦେଖା କରିବା ନିମନ୍ତେ ବସାକୁ ଉଡ଼ିଗଲା । ମା' ପକ୍ଷୀଟି ପିଲା ଦୁହିଁଙ୍କୁ ଗେଲ କରୁକରୁ ଆଖି ବୁଜିଦେଲା ଏବଂ ଦୁଲ୍ କରି ତଳେ ପଡ଼ିଗଲା । ଠିକ୍ ସେତିକିବେଳେ ଟରଜେନିଫଙ୍କ ହାତରୁ ଖସିପଡ଼ିଲା ବନ୍ଧୁକ । ନିଜର ନିଷ୍ଠୁର ପ୍ରକୃତି ପାଇଁ ସେ ଅନୁତାପ କଲେ । ସେ ଭବିଷ୍ୟତରେ ଗୋଟିଏ ଭଲ ଶିକାରୀ ହୋଇପାରିବେ ବୋଲି ତାଙ୍କ ବାପା ତାଙ୍କୁ କହିଲେ । ହେଲେ ସେ ଆଉ କେବେ ଜୀବଜନ୍ତୁଙ୍କୁ ହତ୍ୟା କରିବେ ନାହିଁ ବୋଲି ସ୍ଥିର କରିସାରିଥିଲେ । ଯେହେତୁ ସେ ଜୀବନ ଦେଇ ପାରିବେନି ,ଏଣୁ ଜୀବନ ନେବାର ଅଧିକାର ତାଙ୍କର ନାହିଁ ବୋଲି ସେ ବାପାଙ୍କୁ କହିଲେ ।

କ. ମା' ପକ୍ଷୀଟି ପିଲା ଦୁହିଁଙ୍କୁ ଗେଲ କରୁକରୁ କ'ଣ ହେଲା ?

ଖ. ଟରଜେନିଫ୍ କେତେ ବର୍ଷ ବୟସରେ ପକ୍ଷୀ ଶିକାର କରିବା ପାଇଁ ପାଖ ଜଙ୍ଗଲକୁ ଯାଇଥିଲେ ?

ଗ. ଟରଜେନିଫ୍ ଶେଷରେ ବାପାଙ୍କୁ କ'ଣ କହିଲେ?

ଘ. ପକ୍ଷୀଟି ରକ୍ତଜର୍ଜର ଅବସ୍ଥାରେ କାହିଁକି ବସାକୁ ଉଡ଼ିଗଲା ?

ଙ. ଟରଜେନିଫ୍ କାହିଁକି ଅନୁତାପ କଲେ?

**'ଖ'- ବିଭାଗ**

**Q2**. ବ୍ୟାୟାମର ଉପକାରିତା ସମ୍ପର୍କରେ ଅନୁଚ୍ଛେଦଟିଏ ଲେଖ । [1x5=5]

**'ଗ'- ବିଭାଗ**

**Q3**.କ. ଶବ୍ଦାର୍ଥ ଲେଖ । [4x1=4]

ମଞ୍ଜପୁର , ନାତିଦୀର୍ଘ , ଖଦ୍ୟୋତ , ବକ୍ତା

ଖ. ଗଦ୍ୟ ରୂପ ଲେଖ । [4x1=4]

ବରଷି , ଅଳପ , ଗରଜି , ତପତ

ଗ. ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର । [4x1=4]

[ଅଧ୍ୟବସାୟ , ପୂରିତ , ଜଳରାଶି ,ପାରଳାଖେମୁଣ୍ଡି , ଶସ୍ୟରାଶି]

i. ୧୯୨୧ ମସିହାରେ ମହାତ୍ମା ଗାନ୍ଧି ପ୍ରଚାର ଉଦ୍ଦେଶ୍ୟରେ ------- କୁ ଆସିଥିଲେ ।

ii. ପ୍ରାଣୀ ଜୀବନ ------------ ।

iii. କଠିନ -------- ବଳରେ ସେ ଅଳ୍ପ କାଳ ମଧ୍ୟରେ ତୃତୀୟ ଶ୍ରେଣୀ ପାଶ୍ କରିଥିଲେ ।

iv. ଏଣେ ---------- ମହୀ ଦିଶି ।

ଘ. ଲିଙ୍ଗ ପରିବର୍ତ୍ତନ କର । [2x1=2]

ପିତାମହୀ , ଭିକାରି

**'ଘ'- ବିଭାଗ**

**Q4**. ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । [6x2=12]

କ. ଛାତ୍ରମାନେ ଗାନ୍ଧୀଜୀଙ୍କୁ କିପରି ସୁରକ୍ଷା ଦେଇଥିଲେ ?

ଖ. ମୟୂର କାହାକୁ ଚାହିଁ ନୃତ୍ୟ କରେ ?

ଗ. ଗରିବ ବାଳକଟିର ବେଶଭୂଷା କିପରି ଥିଲା ?

ଘ. ବର୍ଷା ଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

ଙ. ବ୍ରହ୍ମଚାରୀ ମୁଇଁ ସହ ଲେଖକଙ୍କର ପୁଣି କେଉଁ ପରିସ୍ଥିତିରେ ସାକ୍ଷାତ ହେଲା ?

ଚ. ମେଘମାଳ କିପରି ଭାବରେ ଜଳ ବର୍ଷା କଲେ?

**Q5.** ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତରଟିକୁ ବାଛି ଲେଖ । [4x1=4]

କ. ମୋ ଜୀବନର ଅଭୁଲା କଥା ବିଷୟଟି କେଉଁ ପୁସ୍ତକରୁ ଗୃହୀତ ?

[ଓଡ଼ିଆ ଭାଷାର ଉପଭାଷା , ଓଡ଼ିଆ କେବେ , ଅମର ମଣିଷ , ମୋ ଜୀବନ ସଂଗ୍ରାମ]

ଖ. ଗ୍ରୀଷ୍ମ ଋତୁ ପରେ କେଉଁ ଋତୁ ଆସେ ?

[ଶରତ, ହେମନ୍ତ, ବର୍ଷା, ବସନ୍ତ]

ଗ. ବ୍ରହ୍ମଚାରୀ ମୁଇଁର ଘର କେଉଁଠି ?

[ଆସ୍କା , ଛତ୍ରପୁର , ଖଲ୍ଲିକୋଟ , ପାରଳାଖେମୁଣ୍ଡି]

ଘ. ବର୍ଷା କବିତାଟି ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ଆନୀତ?

[ନବମ , ଦଶମ , ଏକାଦଶ , ଏକବିଂଶ]